# NATIONAL NEWS BULLETIN (ODIA)
## 10th January - 2026
## Morning Bulletin : 7.15 a.m.

****************************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସୋମନାଥ ସ୍ୱାଭିମାନ ପର୍ବ ସହ ପ୍ରମୁଖ ବିକାଶମୂଳକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆଜିଠାରୁ ତିନିଦିନିଆ ଗୁଜରାଟ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ନିଶାମୁକ୍ତ ଭାରତ ଗଠନ ଲାଗି ଆସନ୍ତା ମାର୍ଚ୍ଚ ୩୧ରୁ ଆରମ୍ଭ ହେବ ସ୍ୱତନ୍ତ୍ର ଅଭିଯାନ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୮ ତାରିଖରୁ ହେବ ଆରମ୍ଭ ।

- ହିମାଚଳ ପ୍ରଦେଶରେ ବସ୍ ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ; ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆଜି ସେମିଫାଇନାଲ୍‌ରେ ଖେଳିବେ ପି. ଭି. ସିନ୍ଧୁ ଓ ଚୀନ୍‌ର ୱାଙ୍ଗ୍ ଝି ୟି ।

## ପି.ଏମ୍. - ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ତିନିଦିନିଆ ଗୁଜରାଟ ଗସ୍ତରେ ଯିବେ । ଗସ୍ତକାଳରେ ଶ୍ରୀ ମୋଦି ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବା ସହ ରାଜକୋଟ, ଅହମ୍ମଦାବାଦ ଏବଂ ଗାନ୍ଧିନଗରରେ ପ୍ରମୁଖ ବିକାଶମୂଳକ ଓ ରଣନୈତିକ କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଜରାଟର ସୋମନାଥ ଗସ୍ତ କରି ଓଁକାର ମନ୍ତ୍ର ଜପ ସମାରୋହରେ ଅଂଶଗ୍ରହଣ କରିବା ସହିତ ସୋମନାଥ ମନ୍ଦିରରେ ଆୟୋଜିତ ଡ୍ରୋନ୍ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିବେ ।

ଆସନ୍ତାକାଲି ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିର ରକ୍ଷା ଲାଗି ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଆୟୋଜିତ ଏକ ଶୋଭାଯାତ୍ରା 'ଶୌର୍ଯ୍ୟଯାତ୍ରା'ରେ ଅଂଶଗ୍ରହଣ କରିବେ । ଏହି ଯାତ୍ରାରେ ୧୦୮ଟି ଘୋଡ଼ାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା ହେବ, ଯାହା ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରିବ । ପରେ ଶ୍ରୀ ମୋଦି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସୋମନାଥରେ ଏକ

ସାର୍ବଜନୀନ ସମାରୋହରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

୧୦୨୬ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଗଜନୀଙ୍କ ସୋମନାଥ ମନ୍ଦିର ଆକ୍ରମଣର ୧ ହଜାରତମ ବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଚଳିତବର୍ଷ ମଧ୍ୟ ଏହି ମନ୍ଦିରର ୭୫ ବର୍ଷ ସ୍ଥାପନା ଦିବସ ପାଳନ କରାଯାଉଛି ।  ୧୯୫୧ ମସିହାରେ ଏହି ମନ୍ଦିରର ପୁନଃ ସ୍ଥାପନ କରାଯାଇଛି ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଜକୋଟ ଗସ୍ତ କରିବା ସହ କଚ୍ଛ ଓ ସୌରାଷ୍ଟ୍ର ଅଞ୍ଚଳ ଲାଗି ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ସମାବେଶକୁ ସମ୍ବୋଧନ କରିବେ । ପରେ ଶ୍ରୀ ମୋଦି ଅହମ୍ମଦାବାଦ ଗସ୍ତକରି ସହରାଞ୍ଚଳ ପରିବହନ ଭିତ୍ତିଭୂମିର ବିକାଶସ୍ୱରୂପ ସେକ୍ଟର-10Aରୁ ମହାତ୍ମା ମନ୍ଦିର ପର୍ଯ୍ୟନ୍ତ ଅହମ୍ମଦାବାଦ ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନ କରିବେ । ସୋମବାର ଦିନ ପ୍ରଧାନମନ୍ତ୍ରୀ ଜର୍ମାନ୍ ଚାନ୍‌ସେଲର୍ ଫ୍ରେଡ୍‌ରିକ୍  ମର୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଉଭୟ ନେତା ଆନ୍ତର୍ଜାତିକ ଗୁଡ଼ି ପର୍ବରେ ଯୋଗଦେବେ ।

# ଶାହା - ଡ୍ରଗ୍ ଫ୍ରି

ଦେଶକୁ ନିଶାମୁକ୍ତ କରିବା ଲାଗି ଆସନ୍ତା ମାର୍ଚ୍ଚ ୩୧ ତାରିଖରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ଏହି ନିଶାମୁକ୍ତି ଅଭିଯାନ ୩ ବର୍ଷ ପର୍ଯ୍ୟନ୍ତ ଜାରି ରହିବ । ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ନବମ ଶୀର୍ଷସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, କେନ୍ଦ୍ର ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ନିଶାମୁକ୍ତି ନିମନ୍ତେ ୨୦୨୯ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ସମୟବଦ୍ଧ ଯୋଜନା ପ୍ରସ୍ତୁତ କରିବା ଉଚିତ । ସେ କହିଛନ୍ତି, ଦେଶକୁ ନିଶାମୁକ୍ତ କରିବା ଲାଗି ସମ୍ମିଳିତ ପଦକ୍ଷେପ ନେବା ଆବଶ୍ୟକତାର ରହିଛି ।

୨୦୧୪ରୁ ୨୦୨୫ ମଧ୍ୟରେ ୧ କୋଟି ୧୧ ଲକ୍ଷ କିଲୋଗ୍ରାମ୍‌ର ନିଶାଦ୍ରବ୍ୟ ଜବତ କରାଯାଇଛି, ଯାହାର ଆନୁମାନିକ ମୁଖ୍ୟ ୧ ଲକ୍ଷ ୭୧ ହଜାର କୋଟି ଟଙ୍କାରୁ ଅଧିକ ହେବ । ନିଶାଦ୍ରବ୍ୟ ବିରୋଧୀ ଲଢ଼େଇରେ ସମ୍ମିଳିତ ପଦକ୍ଷେପ ପାଇଁ ଶ୍ରୀ ଶାହା ପୁଲିସ୍ ମହାନିର୍ଦ୍ଦେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ବିକଶିତ ଭାରତ - ୟଙ୍ଗ୍ ଲିଡର୍ସ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ର ଦ୍ୱିତୀୟ ସଂସ୍କରଣ ଗତକାଲିଠାରୁ ଆରମ୍ଭ ହୋଇଛି । କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ୍ ଖଡ୍‌ସେ କହିଛନ୍ତି, ରାଷ୍ଟ୍ର ନିର୍ମାଣ ପାଇଁ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ରହିଛି । ଫଳରେ ସେମାନଙ୍କ ଚିନ୍ତାଧାରା, ଶକ୍ତି ଏବଂ ନେତୃତ୍ୱ ଆସନ୍ତା ୨୫ ବର୍ଷ ମଧ୍ୟରେ ଦେଶକୁ ବିକାଶର ଶିଖରକୁ ନେଇଯିବ । ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରାକୁ ମନନ କରି ସେ କହିଛନ୍ତି, ଯୁବପିଢ଼ି ହେଉଛନ୍ତି ରାଷ୍ଟ୍ରର ପ୍ରକୃତ ଶକ୍ତି । 'ମାଇଁ ଭାରତ' ପଦକ୍ଷେପର ସଫଳତା ନେଇ ସେ କହିଛନ୍ତି, ଦେଶର ୨ କୋଟିରୁ ଅଧିକ ଯୁବକ ଏହି ପୋର୍ଟାଲ୍‌ରେ ପଞ୍ଜୀକରଣ କରିସାରିଛନ୍ତି ।

ଏହି ଚାରିଦିନିଆ କାର୍ଯ୍ୟକ୍ରମରେ ଦେଶ ଓ ବିଦେଶରୁ ୨ ହଜାର ୫ ଶହରୁ ଅଧିକ ଯୁବକ ଅଂଶଗ୍ରହଣ କରିଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପସ୍ଥିତିରେ ଆଜି ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୨ ତାରିଖରେ ଉଦ୍‌ଯାପନୀ ସମାରୋହରେ ଯୋଗଦେବେ।

ଇସ୍ରୋ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା, ଗ୍ରୁପ୍ କ୍ୟାପ୍‌ଟେନ୍ ପ୍ରସାନ୍ତ ନାୟାର, ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ କୌର, ପୁଲେଲା ଗୋପୀଚାନ୍ଦ, ଲିଆଣ୍ଡର ପେସ୍, ପାଲକୀ ଶର୍ମା, କୈବଲ୍ୟ ଭୋହରା, ଶିବବ୍ରତ ଦାସ ଏବଂ ଆନନ୍ଦ କୁମାରଙ୍କ ସମେତ

ପଦ୍ମ ପୁରସ୍କାର ବିଜେତା, ଯୁବ ସାଂସଦ ଏବଂ ବିଧାୟକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ପାର୍ଲାମେଣ୍ଟ ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବ । ଏହା ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେବ । ବେଜଟ୍ ଅଧିବେଶନ-୨୦୨୬ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମତି ଦେଇଥିବା ଶ୍ରୀ ରିଜିଜୁ କହିଛନ୍ତି ।

## ରେଲ୍‌ୱେ ଆୱାର୍ଡ଼

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୭୦ତମ ଅତି ବିଶିଷ୍ଟ ରେଳାସେବା ପୁରସ୍କାର-୨୦୨୫ ପ୍ରଦାନ କରି କହିଛନ୍ତି, ଭାରତୀୟ ରେଳ ବିଶ୍ୱସ୍ତରୀୟ

ଦକ୍ଷତା ହାସଲ କରିଛି ଏବଂ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହେବା ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବ ୧୦୦ ଜଣ ରେଳ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ସହ ଉନ୍ନତ ପ୍ରଦର୍ଶନ କରିଥିବା ରେଳ ଜୋନ୍‌ଗୁଡ଼ିକୁ ୨୬ଟି ସିଲ୍‌ଡ୍ ପ୍ରଦାନ କରିଛନ୍ତି ।

୨୦୨୬ ବର୍ଷପାଇଁ ଭାରତୀୟ ରେଳ ପକ୍ଷରୁ ୬ଟି ନୂଆ ପ୍ରସ୍ତାବ ଗ୍ରହଣ କରାଯାଇଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ପ୍ରସ୍ତାବଗୁଡ଼ିକୁ ଆସନ୍ତା ୫୨ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରାଯାଇ ରେଳବାଇରେ ସଂସ୍କାର ଅଣାଯିବ । ପ୍ରସ୍ତାବଗୁଡ଼ିକ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଉତ୍ପାଦନ ବୃଦ୍ଧି, ନିରାପତ୍ତା ସୁଦୃଢ଼ୀକରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

## ଏଚ୍.ପି. - ବସ୍ ଆକ୍ସିଡେଣ୍ଟ

ହିମାଚଳ ପ୍ରଦେଶର ସିର୍‌ମର୍ ଜିଲ୍ଲା ହରିପୁରଧର ନିକଟରେ ଏକ ବସ୍ ଦୁର୍ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ କେତେ ଜଣ ଆହତ ହୋଇଛନ୍ତି । ୬୬ ଜଣ ଯାତ୍ରୀଙ୍କୁ ନେଇ ସୋଲାନ୍‌ରୁ ହରିପୁରଧର ଯାଉଥିବା ଏକ ଘରୋଇ ବସ୍ ଏକ ଖାଇ ମଧ୍ୟକୁ ଖସି ପଡ଼ିବାରୁ ଦୁର୍ଘଟଣା

ଘଟିଥିଲା । ହିମାଚଳ ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଥିବା କହିଛନ୍ତି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଆହତମାନଙ୍କପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି ।

## ପି.ଏମ୍. - ପ୍ରଗତି ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ

ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ କିଭଳି ପଞ୍ଜାବରେ ଜାତୀୟ ରାଜପଥର ଫଗଓ୍ୱାରା-ରୂପନଗର ଅଂଶର ଚାରିଲେନ୍ ରାସ୍ତାର ନିର୍ମାଣ କାର୍ଯ୍ୟରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇଥିଲା ।

ପଞ୍ଜାବର ଫଗଓ୍ୱାରାରୁ ରୂପନଗର ପର୍ଯ୍ୟନ୍ତ ଚାରିଲେନ୍ ବିଶିଷ୍ଟ ଜାତୀୟ ରାଜପଥ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କରିଡର । ଏହା ଜଲନ୍ଧର ଏବଂ ଫଗଓ୍ୱାରାର ଶିଳ୍ପସଂସ୍ଥାଗୁଡ଼ିକୁ ସଂଯୋଗ ସ୍ଥାପନ କରିଥାଏ । ୮୮ କିଲୋମିଟର ବ୍ୟାପୀ ଏହି ପ୍ରକଳ୍ପ ଅମୃତସର ଏବଂ ଚଣ୍ଡୀଗଡ଼ ମଧ୍ୟରେ ସବୁଠାରୁ କ୍ଷୁଦ୍ରତମ ମାର୍ଗ ହୋଇଥିବାବେଳେ ସେଠାକାର ପ୍ରମୁଖ ଶିଖ୍ ତୀର୍ଥସ୍ଥଳଗୁଡ଼ିକୁ ସଂଯୋଗ ସ୍ଥାପନ କରିଥିଲା । ତେବେ ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ବଣ୍ଟନ ସମ୍ପର୍କିତ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ୨୦୧୮ ମସିହା ଅଗଷ୍ଟ ମାସରେ ପ୍ରଗତି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବ ସରକାରଙ୍କୁ ଜମି ଅଧିଗ୍ରହଣ ଏବଂ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ । ୨୦୨୧ ଜୁନ୍ ୨୬ ତାରିଖରେ ଏହି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଥିଲା । ଫଳରେ ଯାତ୍ରା ସମୟ ହ୍ରାସ ପାଇବା ସହ ଯାନବାହନ ପରିଚାଳନା ଖର୍ଚ୍ଚ ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଥିଲା ।

## ବ୍ୟାଡ୍‌ମିଣ୍ଟନ - ମାଲେସିୟା ଓପନ୍

ମାଲେସିୟା ଓପନ୍ ସୁପର-1000 ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆଜି ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଚୀନ୍‌ର ୱାଙ୍ଗ୍ ଝି ୟି'ଙ୍କ ସହ ସେମିଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୧ରେ ସିନ୍ଧୁ ପରାସ୍ତ କରିଥିଲେ

ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି । ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ସେମାନେ ଇଣ୍ଡୋନେସିଆର ଯୋଡ଼ିଙ୍କଠାରୁ ୧୦-୨୧, ୨୧-୨୩ରେ ପରାସ୍ତ ହୋଇଥିଲେ ।

## ଡବ୍ଲ୍ୟୁ.ପି.ଏଲ୍. - କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଗତକାଲି ନଭି ମୁମ୍ବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୫୪ ରନ୍ ସଂଗ୍ରହ

କରିଥିଲା । ସଞ୍ଜୀବନ ସଜନା  ୪୫ ରନ୍ ଓ ନିକୋଲା କ୍ୟାରୀ ୪୦ ରନ୍ ସ୍କୋର କରିଥିଲେ । ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୫୭ ରନ୍ ସ୍କୋର କରିଥିଲା ।

ମହିଳା ପ୍ରିମିୟର ଲିଗ୍‌ର ଗତକାଲ ଆରମ୍ଭ ହୋଇଥିବା ଚତୁର୍ଥ ସଂସ୍କରଣର ସମସ୍ତ ମ୍ୟାଚ୍ ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀ ଏବଂ ଭଦୋଦୋରାର ବି.ସି.ଏ. ଷ୍ଟାଡିୟମ୍‌ରେ ଖେଳାଯିବ ।

ଆଜି ଅପରାହ୍ଣ ୩ଟାରେ ପ୍ରଥମ ମ୍ୟାଚ୍ ୟୁ.ପି. ୱାରିୟର୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍  ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ୍ ମଧ୍ୟରେ ଖେଳାଯିବ ।

*****